# ଜିଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନି

## ଯୋଗାଣ ନିରୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗ

ଧାମନଗର,୨୩।୪(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକ୍ ଯୋଗାଣ ନିରୀକ୍ଷକ ରସାନନ୍ଦ ସାହୁ ରାଶନ ସାମଗ୍ରୀ ବଣ୍ଟନରେ ଦୁର୍ନୀତି ସହ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗ ହୋଇଥିଲା। ଘଟଣାରେ ଜିଲାପାଳ ଦିଲୀପ ରାଉତରାଏ ତାଙ୍କୁ ଅନ୍ୟତ୍ର ବଦଳି କରିବାକୁ ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଚିଠି (ନଂ. ୨୦୦୮ ସିଏସ / ୨୧ଏପ୍ରିଲ ୨୬)ରେ ଯୋଗାଣ ନିରୀକ୍ଷକ ସାହୁଙ୍କୁ ଭଣ୍ଡାରିପୋଖରୀ ବ୍ଲକ୍‌କୁ ବଦଳି କରିବା ସହ ଶୁଭଶ୍ରୀ ଶୁକ୍ଳାଙ୍କୁ ବ୍ଲକ୍ ଯୋଗାଣ ନିରୀକ୍ଷକ ଭାବେ ନିଯୁକ୍ତି ଦେବାକୁ ଧାମନଗର ବିଡିଓ ବନବିହାରୀ ଦୀନ୍ଦାଙ୍କୁ ଚିଠି କରିଥିଲେ। ତେବେ ଉକ୍ତ ଚିଠିକୁ ୩ ଦିନ ବିତିଗଲାଣି କିନ୍ତୁ କାର୍ଯ୍ୟକାରୀ ନ ହେବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ସୂଚନାଯୋଗ୍ୟ, ବ୍ଲକ୍ ଯୋଗାଣ ନିରୀକ୍ଷକ ସାହୁ ରାଶନ ସାମଗ୍ରୀ ବଣ୍ଟନରେ ରିଟେଲରଙ୍କଠାରୁ ବେଆଇନ ଭାବେ ଟଙ୍କା ଆଦାୟ କରିବା, ରିଟେଲରମାନେ ସରକାରଙ୍କୁ ଦେଉଥିବା ଅର୍ଥରୁ୧୨ ପ୍ରତିଶତ କମିଶନ ଆକାରରେ ଦାବି କରିବା, ଡିଲରଙ୍କ ଲାଇସେନ୍ସ ନବୀକରଣ ପାଇଁ କୁଇଣ୍ଟାଲ ପିଛା ୩୦ ଟଙ୍କା ଦେବାକୁ ଦାବି, ଟ୍ରେଜେରି ଚାଲାଣ ପାଇଁ ୧୫ ଶହ ଟଙ୍କା ଦାବ, ଟାଲି ଖାତା ପାଇଁ ପ୍ରତ୍ୟେକ ରିଟେଲରଙ୍କଠାରୁ ଜବରଦସ୍ତ ୨ ଶହ ଟଙ୍କା ଆଦାୟ ଏବଂ ଲୋକ ପ୍ରତିନିଧିଙ୍କୁ ରାଶନ ସମସ୍ୟାରେ ଅସହଯୋଗ କରିବା ଆଦି ବିଭିନ୍ନ ଅଭିଯୋଗ ସମ୍ବଳିତ ପତ୍ର ବ୍ଲକ୍ ବିଜେଡି ପ୍ରତିନିଧି ଦଳ ଗତ ୧୭ ତାରିଖରେ ଏବିଡିଓ ଶର୍ମିଷ୍ଠା ମଲ୍ଲିକଙ୍କୁ ଦେଇଥିଲେ। ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଥିଲେ। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ପଟ୍ଟନାୟକ କହିଛନ୍ତି, ବିଡିଓଙ୍କୁ କହିଛନ୍ତି, ସେ ଯାହା କରିବେ ହେଲେ, ଏହି ବିଷୟରେ ଜିଲାପାଳ ଅବଗତ ଅଛନ୍ତି। ବିଡିଓ ଦୀନ୍ଦା କହିଛନ୍ତି, ଯୋଗାଣ ନିରୀକ୍ଷକ ଛୁଟିରେ ଅଛନ୍ତି। କାର୍ଯ୍ୟରେ ଯୋଗଦେବା ପରେ ପଦକ୍ଷେପ ନିଆଯିବ।

# ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର



ଜନ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

ବନ୍ତ,୨୩।୪(ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକ୍ ସମ୍ମିଳନୀ କକ୍ଷରେ ଗୁରବାର ଏମଜିଏନ୍‌ଆର୍‌ଇଜିଏସ୍ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବ୍ଲକ୍‌ସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏମଜିଏନ୍‌ଆରଇଜିଏସ୍ ବ୍ଲକ ସହାୟକ ଅନନ୍ତ କିଶୋର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଏ.ପି.ଡି ଧନଞ୍ଜୟ ଟୁଡୁ, ବିଡିଓ ସୀତାକାନ୍ତ ରାଉତ, ଡି.ଏସ.ଏ ସତ୍ୟଜିତ୍ ପୃଷ୍ଟି, ବି.ଏସ.ଏ ସୁରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ୪୧ ଅଭିଯୋଗର ଶୁଣାଣି କରିବା ସହ ସମସ୍ତ ଅଭିଯୋଗର ସମାଧାନ କରିଥିଲେ। ଶିବିରରେ ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥଙ୍କ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ, ସରପଞ୍ଚ, ସମିତି ସଭ୍ୟ, ପିଇଓ, ଜି.ଆର.ଏସ, ଭି.ଆର.ପି ଏବଂ ଏ.ଡି.ଓମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏସିପି ମିତ୍ରଭାନୁ ସ୍ୱାଇଁ, କର୍ମଚାରୀ ରତ୍ନାକର ଜେନା ସହଯୋଗ କରିଥିଲେ।

# ଗ୍ରାହକଙ୍କୁ ଲୁହା ଛଡ଼ରେ ପିଟିଲେ କ୍ୟାଶିୟର

ଧୂଷୁରୀ,୨୩।୪(ଦୀପ୍ତି ରଞ୍ଜନ ନାୟକ)

ଭଦ୍ରକ ଧୂଷୁରୀ ଥାନା ଓ ଆରଡି ଫାଣ୍ଡି ଅଧୀନରେ ଥିବା ଏସ୍‌ବିଆଇ ଆରଡି ଶାଖାର କ୍ୟାଶିୟର ଜଣେ ଗ୍ରାହକଙ୍କୁ ବୁଧବାର ପୂର୍ବାହ୍ନ ୧୧ଟାରେ ଲୁହାଛଡ଼ରେ ପିଟିଛନ୍ତି। ଏ ନେଇ ଗ୍ରାହକ ଜଣଙ୍କ ଆରଡି ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପୀରହାଟ ଥାନା ଅଧୀନ ତଳଦୁମୁକା ଗ୍ରାମର ଶୁଭଙ୍କର ନାୟକ (୨୦) ତାଙ୍କ ଭଉଣୀକୁ ନେଇ ବ୍ୟାଙ୍କରୁ ଅର୍ଥ ଉଠାଣ କରିବାକୁ ଆସିଥିଲେ। କାର୍ଯ୍ୟରତ କ୍ୟାଶିୟର ତାଙ୍କୁ ହଇରାଣ କରିବା ସହ ଅର୍ଥରାଶି ଦେଇ ନ ଥିଲେ। ଏ ନେଇ ଶୁଭଙ୍କର ଟଙ୍କା ନ ଦେବା କାରଣ ପଚାରିବାରୁ କ୍ୟାଶିୟର ଉତ୍କ୍ଷିପ୍ତ ହୋଇ ଏକ ଲୁହାଛଡ଼ରେ ମୁଣ୍ଡକୁ ବାଡ଼େଇଥିଲେ। ଗ୍ରାହକ ଲୁହାଛଡ଼କୁ ଧରି ନେବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏ ନେଇ ଶୁଭଙ୍କର ଅଭିଯୋଗ କରିଥିବା ବେଳେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ପରିବାର ପକ୍ଷରୁ ଦାବି କରାଯାଇଛି। ନ ହେଲେ ଶୁକ୍ରବାର ଆରଡି ଫାଣ୍ଡି ଆଗରେ ସପରିବାର ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଆରଡି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ କହିଛନ୍ତି, ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ ମାମଲା( ନଂ. ୧୮୧/୨୬)ରୁଜୁ ହୋଇଛି। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆରଡି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ବ୍ରାଞ୍ଚ୍ ମ୍ୟାନେଜର ଦୀପକ କୁମାର ପାତ୍ର ଘଟଣା ଦିନ ଅନୁପସ୍ଥିତ ଥିବା କହିଥିଲେ। ବାଲେଶ୍ୱର ସ୍ଥିତ ଏସ୍‌ବିଆଇର ଆରବିଓ ବୁଦ୍ଧିରାମ ପାଣିଗ୍ରାହୀ ତଦନ୍ତ ଅବ୍ୟାହତ ରହିଥିବା କହିବା ସହ ସମ୍ପୃକ୍ତ କ୍ୟାଶିୟରଙ୍କୁ ସେଠାରୁ ସ୍ଥାନାନ୍ତର କିମ୍ବା ସସ୍‌ପେଣ୍ଡ କରିଯିବ ସେ ନେଇ ଆଲୋଚନା ଚାଲିଥିବା କହିଥିଲେ।

# କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘର ସାଧାରଣ ସଭା


କଳିଙ୍ଗ ବିଦ୍ୟୁତ କର୍ମଚାରୀ ସଂଘର ବୈଠକ।

ଭଦ୍ରକ,୨୩।୪(ସନାତନ ରାଉତ)

ଭଦ୍ରକ ଗାନ୍ଧୀପଡ଼ିଆ ନିକଟସ୍ଥ ସୀତାରାମ କଲ୍ୟାଣ ମଣ୍ଡପରେ କଳିଙ୍ଗ ବିଦ୍ୟୁତ କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରତାପ କୁମାର ଖିଲାରଙ୍କ ସଭାପତିତ୍ୱ ଏବଂ ମାନସ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ସଂଘର ବିଭିନ୍ନ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶ୍ରମିକମାନଙ୍କ ପ୍ରତି ହେଉଥିବା ମାରଣନୀତି ବିଷୟରେ ଆଲୋଚନା କରାଯିବା ସହିତ ଆଗାମୀ ଦିନରେ କର୍ମଚାରୀମାନଙ୍କର ବିଭିନ୍ନ ନ୍ୟାର୍ଯ୍ୟାଦାବୀ ଉପସ୍ଥାପନ ସହିତ ତାର ସମାଧାନ କରିବା ଉଦ୍ଦେଶ୍ୟରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ନବନିର୍ବାଚିତ ସଭାପତି ଭାବେ ଦୀପକ କୁମାର ବାରିକ, ସାଧାରଣ ସମ୍ପାଦକ ବସନ୍ତ କୁମାର ମହାନ୍ତି, ସାଙ୍ଗଠନିକ ସମ୍ପାଦକ ଜଗବନ୍ଧୁ ସାମନ୍ତ, କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମୋହନ ବେହେରା, ସହସମ୍ପାଦକ ପ୍ରଭାକର ପ୍ରଧାନ, କୋଷାଧ୍ୟକ୍ଷ ରାଜକିଶୋର ଖୁଣ୍ଟିଆ, ଦକ୍ଷିଣ ବିଦ୍ୟୁତ ବିଭାଜନ ପାଇଁ ସଂଯୋଜକ ଜିତେନ୍ଦ୍ର କୁମାର ଜେନା, ଉତ୍ତର ବିଦ୍ୟୁତ ବିଭାଜନ ପାଇଁ ସୁଶାନ୍ତ କୁମାର ରଣା ମନୋନୀତ ହୋଇଛନ୍ତି। ପ୍ରଶାନ୍ତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଜିଲାରୁ ବିଭିନ୍ନ ବିଦ୍ୟୁତ ଖଣ୍ଡରୁ ରଶ୍ମିରଞ୍ଜନ ସାହୁ, ଆଶିଷ କୁମାର ନାୟକ, ହେମନ୍ତ ମଲ୍ଲିକ, ଜଗନ୍ନାଥ ପ୍ରଧାନ, ରାଜେଶ ନାୟକ, ପ୍ରଫୁଲ୍ଲ ସାମନ୍ତ, ଅକ୍ଷୟ ପତି, ପାର୍ଥସାରଥୀ ଭୂୟାଁ, ବିଦ୍ୟାଧର ପୁହାଣ, ପଙ୍କଜ କୁମାର ପଣ୍ଡା, ବିଦ୍ୟାଧର ଗାହାଣ, ନନ୍ଦ କିଶୋର ତ୍ରିପାଠୀ, ମାନସ ବେହେରା, ପ୍ରସନ୍ନ ମହାନ୍ତି, ଭାଗୀରଥି ସାହୁ, କୁମାରେଶ ସାମଲ, ପଞ୍ଚାନନ ପଲାଇ, ଅଶୋକ ସାହୁ, ସରୋଜ ବେହେରା, ଅଜିତ ପୁହାଣ, ସତ୍ୟାନନ୍ଦ ପାଣିଗ୍ରାହୀ, ରାଜେଶ ମହାପାତ୍ର, ବିଜୟ କୁମାର ଦାସ, ଅକ୍ଷୟ କୁମାର ଗିରିଙ୍କ ସମେତ ବହୁ କର୍ମଚାରୀ ସାମିଲ ହୋଇଥିଲେ।

# ଜୁଭେନାଇଲ ହୋମ୍ ଗଲେ ଅଟକ ୨ ନାବାଳକ

## କେନାଲ ଭିତରୁ ମୁମୂର୍ଷୁ ଅବସ୍ଥାରେ ଛାତ୍ର ଉଦ୍ଧାର ଘଟଣା

ଭଦ୍ରକ, ୨୩।୪(ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ନଳାଙ୍ଗ କେନାଲ ଭିତରୁ ଗତ ୨୧ ତାରିଖ ସକାଳେ ମୁମୂର୍ଷ ଅବସ୍ଥାରେ ଛାତ୍ର ଉଦ୍ଧାର ଘଟଣାରେ ଅଟକ ଥିବା ୨ ନାବାଳକଙ୍କୁ ଜୁଭେନାଇଲ ହୋମ୍‌କୁ ପଠାଇଛି ପୋଲିସ। ଭଦ୍ରକ ପୌରାଞ୍ଚଳ ଅଧୀନ ମୋଟେଲ ଛକର ଆହତ ଛାତ୍ର ରାଜୀବ ଲୋଚନ ପାଣିଙ୍କ ମା' ଭାଜପା ନେତ୍ରୀ ସୁମିତ୍ରା ପାଣିଙ୍କ ଅଭିଯୋଗ ପରେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ମାମଲା (ନଂ ୩୨୭/୨୬) ରୁଜୁ ହୋଇଥିଲା। ରାଜୀବଙ୍କ ବୟାନ ଆଧାରରେ ପୋଲିସ ସେହିଦିନ ତାଙ୍କ ସାଙ୍ଗ ସମେତ ୨ ନାବାଳକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ୨ ନାବାଳକ ଛୁରୀ ଓ ବ୍ଲେଡ଼ରେ ଆକ୍ରମଣ କରିଥିବା ଜାଣିବା ପରେ ବୁଧବାର ଉଭୟଙ୍କୁ ଜୁଭେନାଇଲ ହୋମକୁ ପଠାଇ ଦିଆଯାଇଛି ବୋଲି ଗ୍ରାମାଞ୍ଚଳ ଥାନାଧିକାରୀ ସୁବ୍ରତ ଦାସ କହିଛନ୍ତି।

ପ୍ରକାଶଥାଉ କି ରାଜୀବ(୧୭) ସୋମବାର ସନ୍ଧ୍ୟା ୭ଟାରୁ ଘରୁ ଆସିଥିବା ବେଳେ ରାତିରେ ଘରକୁ ଫେରି ନ ଥିଲେ। ତାଙ୍କ ମୋବାଇଲ ସୁଇଚ ଅଫ୍ ଥିବା ବେଳେ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ମଙ୍ଗଳବାର ସକାଳ ୬ଟାରେ ରାଜୀବ ନଳାଙ୍ଗ କେନାଲରେ ମୁମୂର୍ଷ ଅବସ୍ଥାରେ ପଡ଼ିଥିବା ଜଣେ ବ୍ୟକ୍ତି ସୁମିତ୍ରାଙ୍କୁ ଫୋନ କରି ଜଣାଇଥିଲେ। ସେଠାରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶରୀରରେ ବେକ, ନାକ, ମୁହଁ, ପେଟ, ପିଠି ଆଦି ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଧାରୁଆ ଅସ୍ତ୍ରରେ କଟାଯାଇଥିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ମୋବାଇଲ, ସୁନା ଚେନ, ବ୍ରେସ୍‌ଲେଟ୍ ନେଇଯାଇଥିବା ସେ କହିଥିଲେ। ତେବେ ନଳାଙ୍ଗ କେନାଲ ରୋଡ଼ ଓ ଝାଉଁବଣରେ ସନ୍ଧ୍ୟା ସମୟରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି। ସେମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିବା ବେଳେ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ ପାଇଁ ଦାବି କରିଛନ୍ତି।

# ୧୯୯୧ ବ୍ୟାଚ୍ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ


ବନ୍ଧୁ ମିଳନ ଅବସରରେ ପୁରାତନ ଛାତ୍ରୀଛାତ୍ର ଓ ଗୁରୁମାନେ।

ଭଦ୍ରକ, ୨୩।୪(ସନାତନ ରାଉତ)

ଭଦ୍ରକ ବ୍ଲକ ଆନନ୍ଦ ବଜାର ମଧ ଇଂରାଜୀ ବିଦ୍ୟାଳୟର ୧୯୯୧ ବ୍ୟାଚର ପୁରାତନ ଛାତ୍ରୀଛାତ୍ରଙ୍କ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆନନ୍ଦ ବଜାରସ୍ଥିତ ଶାନ୍ତି କଲ୍ୟାଣ ମଣ୍ଡପରେ ଏକାଠି ହୋଇ ଛାତ୍ର ଜୀବନର ଅଭୁଲା ସ୍ମୃତି ରୋମାନ୍ଥନ କରିବା ସହ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। ପୁରାତନ ଛାତ୍ର ଖବରଦାତା ବୈକୁଣ୍ଠ ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗଙ୍ଗାଧର ସାହୁ, ପ୍ରାକ୍ତନ ଶିକ୍ଷକ ବାଇଧର ବିଶ୍ୱାଳ, ଶଙ୍କର୍ଷଣ ସାହୁ ଏବଂ ତତ୍କାଳୀନ ଶିକ୍ଷା କର୍ମଚାରୀ ଭୀମସେନ ନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରଶାନ୍ତ କୁମାର ସାହୁ ଅତିଥି ପରିଚୟ ଏବଂ ସରୋଜ ଦାଶ ଆଭିମୁଖ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଦିବଙ୍ଗତ ସହପାଠୀ ବିଦ୍ୟାଧର ସାହୁ, ରବି ନାରାୟଣ ବିଶ୍ୱାଳ, ନବ କିଶୋର ସାହୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ନିରାକାର ସାହୁ, ଅନୀଲ ନାଥ, ପ୍ରଶାନ୍ତ ସାହୁ, ଦେବଦତ୍ତ ବିଶ୍ୱାଳ, ପ୍ରଫୁଲ୍ଲ ସାହୁ, ଜୟଦେବ ସାହୁ, ହାଡିବନ୍ଧୁ ନାୟକ, ଲମ୍ବୋଦର ସାହୁ, ନରେନ୍ଦ୍ର ସାହୁ, ଅମରେନ୍ଦ୍ର ରାଉଳ, ଗାୟତ୍ରୀ ନାଥ, ବୀଣାପାଣି ମିଶ୍ର, ଝୁଲଣ ମଲ୍ଲିକ, ପୂଣ୍ୟତୋୟା ବିଶ୍ୱାଳ, ରାନୁମତୀ ଖଟୁଆ, ବିମଳା ମଲ୍ଲିକଙ୍କ ସମେତ ପୁରାତନ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିବା ବେଳେ ନିଶିକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ବାସୁଦେବପୁର,୨୩।୪
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ଅଧୀନ ଖରିଦା ବିନାୟକପୁର ପଞ୍ଚାୟତ ପରିଚିତ ରାଜମିସ୍ତ୍ରୀ ସୀତାକାନ୍ତ ବେହେରା(୪୦)ଙ୍କର ବୁଧବାର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଛି। ମୃତ ସୀତାକାନ୍ତଙ୍କ ଘର ଉକ୍ତ ପଞ୍ଚାୟତର ବେକମୋଡ଼ି ଛକ ନିକଟରେ। ସେ ବିନାୟକପୁର ଗାଁରେ କାର୍ଯ୍ୟ କରୁଥିବା ବେଳେ ଅସାବଧାନବସତଃ ତାଙ୍କ ଦେହରେ ବିଦ୍ୟୁତ ତାର ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନା ଅଣାଯାଇଥିବା ବେଳେ ବୁଧବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଛି। ଗୁରୁବାର ତାଙ୍କ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି।

# ଡାଲୁଅ ଧାନ କ୍ଷୟକ୍ଷତି ନିରୀକ୍ଷଣକଲେ ଅଧିକାରୀ


ଅଧିକାରୀମାନେ ପୋକ ଦ୍ୱାରା ନଷ୍ଟ ହୋଇଥିବା ଫସଲ ବୁଲି ଦେଖୁଛନ୍ତି।

ଧୂଷୁରୀ, ୨୩।୪( ଦୀପ୍ତି ରଞ୍ଜନ ନାୟକ )

ଭଦ୍ରକ ଜିଲା ଧାମନଗର ବ୍ଲକ୍ ରଇପୁର ଓ ପାଳସାହି ପଞ୍ଚାୟତର ପ୍ରାୟ ୧୦ ଖଣ୍ଡ ଗାଁର ଚାଷୀଙ୍କ ଅନେକ ଶହ ଏକର ଚାଷଜମିରେ ଡାଲୁଅ ଫସଲ କାଣ୍ଡବିନ୍ଧା ଓ ଗୁଣ୍ଡିପୋକ ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି। ଏ ନେଇ ଚାଷୀ ଚିନ୍ତାରେ ପଡ଼ିଥିବା ବେଳେ ଏ ସଂକ୍ରାନ୍ତରେ 'ଅକ୍ଷୟ ତୃତୀୟାରେ ଚାଷୀ ମୁଣ୍ଡରେ ଚଡ଼କ' ଶୀର୍ଷକ ଖବର ଧରିତ୍ରୀରେ ୨୦ ତାରିଖ ସୋମବାର ପ୍ରକାଶିତ ହୋଇଥିଲା। ଖବର ପ୍ରସାରଣ ପରେ ରାଣୀତାଲ କୃଷି ଗବେଷଣା କେନ୍ଦ୍ରର ବରିଷ୍ଠ କୃଷି ବୈଜ୍ଞାନିକ ଡ଼. ସଞ୍ଜୟ ମହାନ୍ତି, ଧାମନଗର ବ୍ଲକ୍ କୃଷି ଅଧିକାରିଣୀ ଅନୁରାଧା ପଣ୍ଡା, ସହ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ ଏବଂ କୃଷି ଅଧୀଦର୍ଶକ ପ୍ରଦୀପ ସିଂ ଓ ଗୋପୀନାଥ ହାଁସଦା ପ୍ରମୁଖ ଗୁରୁବାର ସକାଳ ୯ଟାରେ ରଇପୁର ଅଞ୍ଚଳରେ ପହଞ୍ଚି ଧାନକ୍ଷେତ ବୁଲି ଦେଖିଥିଲେ। ପୋକରେ ନଷ୍ଟ ହୋଇଥିବା ଅନୁଭବ କରିଥିଲେ। ଚାଷୀଙ୍କ ଫସଲ କ୍ଷୟକ୍ଷତିର ଆକଳନ କରାଯାଇ ରାଜ୍ୟ କୃଷି ବିଭାଗକୁ ରିପୋର୍ଟ କରାଯିବ ବୋଲି ବ୍ଲକ୍ କୃଷି ଅଧିକାରିଣୀ ପଣ୍ଡା କହିଛନ୍ତି।

# କଂଗ୍ରେସ ପକ୍ଷରୁ ନିଶା ନିବାରଣ ସଚେତନତା ସଭା


ନିଶା ନିବାରଣ ସଚେତନତା ସଭା।

ବାସୁଦେବପୁର,୨୩।୪
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ସହର ନୀଳମଣି ମାର୍କେଟ୍ କମ୍ପ୍ଲେକ୍ସ ସାମ୍ନାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନକ୍ରମେ ନିଶା ନିବାରଣ ସଚେତନତା ସଭା ଓ ନିଶା ନିବାରଣ ରଥ ପରିକ୍ରମା ବୁଧବାର ସନ୍ଧ୍ୟାରେ କରାଯାଇଛି। ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଯୁବ ସମାଜ ଓ ଜନସାଧାରଣ ନିଶାଠାରୁ ଦୂରେଇ ରହିଲେ ସେମାନଙ୍କର ସାମାଜିକ ଓ ଆର୍ଥିକ ସ୍ଥିତିରେ ସୁଧାର ଆସିବା ସହ ଘରୋଇ ହିଂସା ହ୍ରାସ ପାଇବ ବୋଲି କହିଥିଲେ। ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ସେଲର ସଭାପତି ମାନସ ମଲିକ, ସମ୍ପାଦକ ଆଶିଷ ମଲିକ, ଭଦ୍ରକ ଜିଲା ମୁଖ୍ୟ ବିଦ୍ୟାଧର ଜେନା, ବାସୁଦେବପୁର ପୌରପାଳିକାର ପାରିଷଦ ଭକ୍ତରଞ୍ଜନ ପଟ୍ଟନାୟକ, କାର୍ତ୍ତିକ ଖିଲାରଙ୍କ ସମେତ ଓଡ଼ିଶା ଭ୍ରମଣ କରୁଥିବା କଂଗ୍ରେସର ଏକ ପ୍ରତିନିଧି ଦଳ ନିଶା ନିବାରଣ ପାଇଁ ଲୋକଙ୍କୁ ସଚେତନ କରାଇଥିଲେ। ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ ମଞ୍ଚ ସଂଯୋଜନା କରିଥିଲେ।

# ମଦ ବେପାରୀ ଗିରଫ



ତିହିଡି,୨୩।୪(ସଞ୍ଜିତ ବଳ)–ତିହିଡି ଥାନା ଅଧୀନ ବିଲଣା ଗ୍ରାମରୁ ଗୁରୁବାର ତିହିଡି ପୋଲିସ ୪୦ ଲିଟର ଆସ୍କା ଫର୍ଟି ଜବତ କରିଛି। ଏଥିସହ ଚୋରା ମଦ ବିକ୍ରେତା ବଳରାମ ମଳିକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଏନେଇ ତିହିଡି ଥାନାରେ ଏକ ମାମଲା (ନଂ୧୪୦/୨୬) ରୁଜୁ ହୋଇଛି। ବଳରାମ ଗତ କିଛି ବର୍ଷ ହେଲା ନିଜ ଘରେ ଚୋରା ମଦ କାରବାର ଚଳାଇ ଆସୁଥିଲେ। କୌଣସି ସୂତ୍ରରୁ ଖବର ପାଇ ଆଇଆଇସି ଲୋପାମୁଦ୍ରା ନାୟକ ସଦଳବଳେ ତାଙ୍କ ଘର ଉପରେ ଚଢ଼ାଉ କରିଥିଲେ।

# ଲକ୍ଷ୍ମୀନାରାୟଣ ପୂଜା ଉଦ୍‌ଯାପିତ

ଭଦ୍ରକ, ୨୩।୪(ରବି ନାରାୟଣ ଖିଲାର)

ଭଦ୍ରକ ବ୍ଲକ ବ୍ରହ୍ମପୁର ପଞ୍ଚାୟତ ୩ନଂ. ୱାର୍ଡରେ ୫ ଦିନ ବ୍ୟାପୀ ଲକ୍ଷ୍ମୀନାରାୟଣ ପୂଜା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଲକ୍ଷ୍ମୀନାରାୟଣ ସେବା ସଙ୍ଗଠନ ତରଫରୁ ଦିବ୍ୟାଙ୍ଗମାନଙ୍କୁ ନେଇ ଏକ ଭଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସରପଞ୍ଚ ନରହରି ସାହୁ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରି ଏପରି ସମାଜସେବାମୂଳକ ପ୍ରୟାସକୁ ସ୍ୱାଗତ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ଶିବପ୍ରସାଦ ଖାମୁରାଇ ସ୍ୱାଗତ ଭାଷଣ ଦେଇ ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ପୂଜା କମିଟିର ସମସ୍ତ ସଦସ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଲକ୍ଷ୍ମୀନାରାୟଣ ସେବା ସଙ୍ଗଠନର ସଭ୍ୟମାନେ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଉଲ୍ଲେଖ୍ୟ ଯେ, ଲକ୍ଷ୍ମୀନାରାୟଣ ସେବା ସଙ୍ଗଠନ ଦୀର୍ଘଦିନ ଧରି ଦିବ୍ୟାଙ୍ଗମାନଙ୍କ ସୁବିଧା, ପୁନର୍ବାସ ଓ ଜୀବିକା ଉନ୍ନତି ପାଇଁ ବିଭିନ୍ନ ପ୍ରକାରର ସେବାମୂଳକ କାର୍ଯ୍ୟକ୍ରମ କରିଆସୁଛି। ଏପରି ପ୍ରୟାସ ଦ୍ୱାରା ସମାଜରେ ଦିବ୍ୟାଙ୍ଗମାନଙ୍କ ପ୍ରତି ସମ୍ମାନ ଓ ସହାନୁଭୂତି ବୃଦ୍ଧି ପାଉଛି ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି।




# 'ଅନ୍ୟାୟର ପ୍ରତିବାଦ କରିବାରୁ ଗିରଫ କରାଯାଇଥିଲା'

## ଯୁବନେତା ଜିତେନ୍ଦ୍ର ପାଣିଙ୍କ ଗିରଫଦାରିକୁ ନେଇ ଯୁବ ବିଜେଡିର ଖବରଦାତା ସମ୍ମିଳନୀ



ଖବରଦାତା ସମ୍ମିଳନୀରେ ଯୁବ ବିଜେଡିର କର୍ମକର୍ତ୍ତାମାନେ।

ଚାନ୍ଦବାଲି,୨୩।୪(ରତିକାନ୍ତ ବାରିକ/କିଷାନ ପାତ୍ର)

ଚାନ୍ଦବାଲି ସହରସ୍ଥିତ ଏକ ହୋଟେଲରେ ଯୁବ ବିଜେଡି ଚାନ୍ଦବାଲି ଶାଖା ପକ୍ଷରୁ ଗୁରୁବାର ମଧ୍ୟାହ୍ନ ୧୨ଟାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲା ଯୁବ ବିଜେଡ଼ି ଉପସଭାପତି ଜିତେନ୍ଦ୍ର ପାଣିଙ୍କ ଗିରଫଦାରୀକୁ ନେଇ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଜିଲା କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରୁ ୨ ଦିନ ତଳେ ଯୁବନେତା ପାଣିଙ୍କର ଜାମିନ ମଞ୍ଜୁର ହେବା ପରେ ଗୁରୁବାର ସମସ୍ତ ଦଳୀୟ କର୍ମୀ ତାଙ୍କୁ ସ୍ୱାଗତ ଶୋଭାଯାତ୍ରାରେ ଉକ୍ତ ହୋଟେଲ ପର୍ଯ୍ୟନ୍ତ ଆଣିଥିଲେ। ଚାନ୍ଦବାଲିରେ ଭାଜପାର ବିଭିନ୍ନ ଅନୀତି, ଅନ୍ୟାୟର ପ୍ରତିବାଦ କରିବାକୁ ଯାଇ ତାଙ୍କୁ ଏହି ଗିରଫଦାରୀର ସମ୍ମୁଖୀନ ହେବାକୁ ପଡ଼ିଥିଲା ବୋଲି ସେ ସ୍ପଷ୍ଟ କରିଥିଲେ।

ସୂଚନାଯୋଗ୍ୟ, ଗତ କିଛିଦିନ ପୂର୍ବେ ଆବାସ ବଣ୍ଟନର ଅନିୟମିତତାକୁ ନେଇ ଚାନ୍ଦବାଲି ଏନ୍‌ଏସି କାର୍ଯ୍ୟାଳୟରେ ଜିତେନ୍ଦ୍ରଙ୍କ ସହ ଏନ୍‌ଏସ୍‌ସି ଅଧିକାରୀଙ୍କ କଥା କଟାକଟିର ପରିଣାମ ସ୍ୱରୂପ ତାଙ୍କୁ ଗିରଫ କରାଯାଇଥିଲା। ଯାହାକି ଅଧିକାରୀଙ୍କ ଏହା ଏକ ମିଥ୍ୟା ଅଭିଯୋଗର ଆଧାର ଥିଲା ବୋଲି ଯୁବ ବିଜେଡି ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଏନ୍‌ଏସି ଅଧିକାରୀ ଆଭାସ ରଞ୍ଜନ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରାଯିବାରୁ ଯୁବ ବିଜେଡିର ଏହି ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି। ଆଗାମୀ ଦିନରେ ସାଧାରଣ ଲୋକଙ୍କ ହକ୍ ନିମନ୍ତେ ଯେକୌଣସି ଲଢ଼େଇ ପାଇଁ ଚାନ୍ଦବାଲି ଯୁବ ବିଜେଡି ପ୍ରସ୍ତୁତ ଅଛି ବୋଲି ଜିଲା ପରିଷଦ ସଭ୍ୟ ତଥା ଯୁବ ବିଜେଡି ନେତା ପ୍ରିନ୍ସ ରାକେଶ ନାୟକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସମ୍ମିଳନୀରେ ଯୁବନେତା ଦୀପକ ରଞ୍ଜନ ରାଉତ, ମାନସ ଦାସ, ସଂଗ୍ରାମ ସାହୁ, ବାବୁ ମହାନ୍ତି, ହେମନ୍ତ ସାହୁ, ଦୀପକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ କେନ୍ଦୁଝର ପୌର ଅଧ୍ୟକ୍ଷାଙ୍କ ପୁଅଙ୍କ ମୃତ୍ୟୁ

କେନ୍ଦୁଝର,୨୩।୪(ଦୀପକ ମିଶ୍ର)

କେନ୍ଦୁଝର ସହର ସନ୍ନିକଟ ବାମ୍ଭାର ନିକଟରେ ବୁଧବାର ରାତି ୯ ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସ୍କୁଲ ବସ୍ ଧକ୍କାରେ କେନ୍ଦୁଝର ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁଙ୍କ ପୁଅ ଦୀପକ ସାହୁ ଓରଫ ବିଏସ୍ ତଥ୍ୟଙ୍କ ମୃତ୍ୟୁ ଘଟିଛି। ସେ ବୁଲେଟ୍ ଯୋଗେ ଯାଉଥିବା ବେଳେ ସ୍କୁଲ ବସ୍‌ରେ ଧକ୍କା ହୋଇ ଚକ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ଉପରେ ବସ୍‌ର ପଛ ଚକ ମାଡ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କ ହସ୍ତାନ୍ତର କରିଛି। ଗୁରୁବାର ତୁରୁମୁଙ୍ଗା ବୈତରଣୀ ଘାଟରେ ଶେଷକୃତ୍ୟ ହୋଇଥିବା ଜଣାପଡ଼ିଛି।

# ୪ ଦିନ ହେଲା ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା

### ବାରଣ୍ଡାରେ ପଢୁଛନ୍ତି କୁନିକୁନି ପିଲା

ପାଟଣା,୨୩।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ କୁଣ୍ଡୁଳା ପଞ୍ଚାୟତର କୁଣ୍ଡଳା ଗ୍ରାମ ମହାନ୍ତ ସାହିର ୧ନମ୍ବର ଅଙ୍ଗନୱାଡ଼ି କେନ୍ଦ୍ରର ଶ୍ରେଣୀଗୃହରେ ୪ ଦିନ ହେବ ତାଲା ଝୁଲୁଛି। ଫଳରେ ୩୭ଜଣ କୁନି କୁନି ପିଲା ବାଧହୋଇ ଖରାରେ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଏଥିପ୍ରତି ପ୍ରଶାସନ କି ସ୍ଥାନୀୟ ଅଞ୍ଚଳର ଲୋକ ପ୍ରତିନିଧିଙ୍କ ନିଘା ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି।

ସୂଚନା ଅନୁଯାୟୀ, ୧ ନମ୍ବର ଅଙ୍ଗନୱାଡ଼ିରେ ନନ୍ଦିନୀ ନାଏକ ୱାର୍କରଭାବେ କାର୍ଯ୍ୟ କରିଆସୁଥିଲେ। ତାଙ୍କ ନିଯୁକ୍ତିକୁ ବେଆଇନ ଦର୍ଶାଇ ଗ୍ରାମର ଭାନୁମତୀ ଦଳେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ନନ୍ଦିନୀଙ୍କ



ବାରଣ୍ଡରେ ପିଲାମାନେ ପଢୁଛନ୍ତି।

ନିଯୁକ୍ତିକୁ ବେଆଇନ ଦର୍ଶାଇଛନ୍ତି। ରାୟ ପରେ ମଧ୍ୟ ନନ୍ଦିନୀ ଅଙ୍ଗନୱାଡ଼ି ଯାଉଥିବାରୁ ଭାନୁମତୀଙ୍କ ସମ୍ପର୍କୀୟ କୁହାଯାଉଥିବା ପୁରୁଣା ସାହି ମହିଳାମାନେ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଇଥିବା ସୂଚନା ମିଳିଛି। ଫଳରେ ଖରାଦିନରେ ପିଲା ବାହାରେ ବସି ପାଠପଢୁଥିବା ଜଣାପଡ଼ିଛି। ରୋଷେଇଘରେ ମଧ୍ୟ ତାଲା ପଡ଼ିଥିବାରୁ ହେଲ୍‌ପର ଆରତି ନାଏକ ନିଜ ଘରେ ରୋଷେଇକରି ପିଲାଙ୍କ ପାଇଁ ଖାଇବା ଆଣୁଥିବା କହିଛନ୍ତି। ଏ ନେଇ ସାହାରପଡ଼ା ସିଡିପିଓ ଦୀପ୍ତିମୟୀ ମହାନ୍ତ କହିଛନ୍ତି, କିଏ ତାଲା ପକାଇଛନ୍ତି, ସେ ଜାଣିନାହାନ୍ତି। ହେଲ୍‌ପର ତାଙ୍କୁ ବୁଧବାର ଜଣାଇଛନ୍ତି। ଦିନେ ୨ଦିନ ମଧ୍ୟରେ ସେ ସ୍ଥାନକୁ ଯାଇ ସମସ୍ୟାର ସମାଧାନ କରିବେ। ପୂର୍ବରୁ ଅଙ୍ଗନୱାଡ଼ି କର୍ମୀ ଥିବା ନନ୍ଦିନୀଙ୍କୁ ହାଇକୋର୍ଟ ବେଆଇନ ଦର୍ଶାଇଛନ୍ତି। ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ପାଇଁ ନୂତନ ପ୍ରକ୍ରିୟା ଆରମ୍ଭ ହେବ।

## କେନ୍ଦ୍ରୀୟ ବିଦ୍ୟାଳୟ ଆନନ୍ଦପୁରର ପ୍ରବେଶ ଉତ୍ସବ



ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ର।

ବଞ୍ଜୋ,୨୩।୪(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦ୍ରୀୟ ବିଦ୍ୟାଳୟ ଆନନ୍ଦପୁରର ବିଦ୍ୟା ପ୍ରବେଶ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀରେ ନୂତନ ଭାବେ ନାମ ଲେଖାଇଥିବା କୁନି କୁନି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଭୋଜରାଜ ମହାନ୍ତ, ସୁଶ୍ରୀ ଅନୁସ୍କା, ସୁଶ୍ରୀ ଏକତା, ସୁଶ୍ରୀ ଲୁମ୍ବିନୀ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ, ଚିତ୍ତାକର୍ଷକ ନୃତ୍ୟ, ନାଟକ ଆଦି ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷଙ୍କ ପ୍ରେରଣା ଦାୟକ ଅଭିଭାଷଣ ଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ ପାଇଁ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ।

## ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ



ବଉଳା,୨୩।୪(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାସଙ୍ଗ ଗ୍ରାମରେ ରାଧାକୃଷ୍ଣ ମନ୍ଦିର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ଗ୍ରାମର ଚକ୍ରଧର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ କାର୍ତ୍ତିକେଶ୍ୱର ସାହୁ, ଭାରତୀ ସାହୁ କର୍ତ୍ତାଭାବେ ପୂଜା କାର୍ଯ୍ୟରେ ଯୋଗଦେଇଥିଲେ। ପଣ୍ଡିତ ଚିନ୍ତାମଣି ପାଢ଼ୀ ଓ କୃପାସିନ୍ଧୁ ପାଢ଼ୀ ପୂଜାର୍ଚ୍ଚନା କରିଥିଲେ। ଜିଲାପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ, କିଶୋର ଆଚାର୍ଯ୍ୟ, ବସନ୍ତ ବେହେରା, ଖଗେଶ୍ୱର ବାରିକ, ପ୍ରାଣବଲ୍ଲଭ ବିଶ୍ୱାଳ, ଉତ୍ତମ ବାରିକଙ୍କ ସମେତ ଗ୍ରାମବାସୀ ମନ୍ଦିରର ରତ୍ନ ଭଣ୍ଡାରରେ ଧନ ରତ୍ନ ପରିପୂର୍ଣ୍ଣ କରିଥିଲେ।

## ବିକେଏସ୍‌ଏସ୍ ଅନୁଦାନ ଟଙ୍କା ହେରଫେର ଅଭିଯୋଗ

### ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ

କେନ୍ଦୁଝର/ହାଟଡ଼ିହୀ/ଆନନ୍ଦପୁର,୨୩।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ/ ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ କଳା ସଂସ୍କୃତି ସଂଘ (ବିକେଏସ୍‌ଏସ୍)କୁ ଆସିଥିବା ଲକ୍ଷାଧିକ ଟଙ୍କା ଅନୁଦାନ ହେରଫେର ଅଭିଯୋଗ ହୋଇଛି। ଅନୁଦାନ ଖର୍ଚ୍ଚ ସମ୍ବନ୍ଧୀୟ ରେକର୍ଡ ନ ଥିବା ନେଇ ହୋଇଥିବା ଅଭିଯୋଗ ଦିଗରେ କେନ୍ଦୁଝର ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ନିର୍ଦ୍ଦେଶ ପାଇବା ପରେ ଜିଲା ସଂସ୍କୃତି ଅଧିକାରୀଙ୍କୁ ରିପୋର୍ଟ ମଗାଯାଇଛି। ଏ ନେଇ ଜିଲା ସଂସ୍କୃତି ଅଧିକାରୀ (ଚିଠି ନଂ. ୫୪୯/୨୨ ଏପ୍ରିଲ ୨୦୨୬)ହାଟଡ଼ିହୀ ବିଡିଓଙ୍କୁ ପୁଙ୍ଖାନୁପୁଙ୍ଖ ବିଶଦ ବିବରଣୀ ମାଗିଛନ୍ତି। ଏଥିସହ ଆନନ୍ଦପୁର ଉପଜିଲାପାଳଙ୍କୁ ଚିଠି (ନଂ. ୫୫୦/୨୨ ଏପ୍ରିଲ ୨୦୨୬) ଅଭିଯୋଗ ଅନୁସାରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ କୁହାଯାଇଛି।

ଅଭିଯୋଗ ଅନୁଯାୟୀ, ବ୍ଲକ୍ କଳା ସଂସ୍କୃତି ସଂଘ ୨୨ ଅଗଷ୍ଟ ୨୦୧୧ରେ ଗଠନ ହୋଇଥିଲା। ୨୦୧୦-୧୧ ଆର୍ଥିକ ବର୍ଷରେ ୨ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ୨୦୧୩-୧୪ ଆର୍ଥିକ ବର୍ଷରେ ୧ ଲକ୍ଷ ୮୭ ହଜାର ୨୦୦ ଟଙ୍କା ସଭା ଦ୍ୱାରା ସର୍ବସମ୍ମତିକ୍ରମେ ଖର୍ଚ୍ଚ ହୋଇଥିଲା। ଏହି ସମୟରେ ଉପ ସଭାପତି ଭାବେ ରତ୍ନାକର ଦାସ ଦାୟିତ୍ୱ ନିର୍ବାହ କରୁଥିଲେ ; ଯାହାକି ବ୍ଲକ୍ ତରଫରୁ ବିଏସ୍‌ଏସ୍‌ଓ ଅବିନାଶ ପତିଙ୍କ ଦ୍ୱାରା ଜାରି ହୋଇଥିବା ଚିଠି (ନଂ. ୩୭୨୬/୩୧ ଡିସେମ୍ବର ୨୦୨୧) ଅନୁସାରେ ଦର୍ଶାଯାଇଛି। ଅପରପକ୍ଷେ ୨୦୧୦-୧୧ରୁ ଅଦ୍ୟାବଧି ସଂଘକୁ ମିଳିଥିବା ସମୁଦାୟ ସରକାରୀ ଅନୁଦାନ ସହ ଖର୍ଚ୍ଚ ଏବଂ କଳାକାର ନାମ ପଞ୍ଜୀକରଣ ବାବଦରେ ଆଦାୟ ଅନୁଦାନ ଅର୍ଥ ହେରଫେର ହୋଇଛି। ଘଟଣାର ସତ୍ୟତା ଉନ୍ମୋଚନ ପାଇଁ ଫାଇଲ, ବ୍ୟାଙ୍କ ପାସ୍ ବହି, କ୍ୟାଶ୍ ବହି, ପ୍ରାପ୍ତ ଏବଂ ଖର୍ଚ୍ଚ ହୋଇଥିବା ଅନୁଦାନର ନଥିପତ୍ର, ରେଜୁଲେଶନ ରେଜିଷ୍ଟର ପ୍ରଭୃତି ଯାଞ୍ଚ ସହ ତଦନ୍ତ କରାଯାଇ ଅନୁଦାନ ଅନିୟମିତତା ଏବଂ ହେରଫେରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ବିଭାଗୀୟ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅଭିଯୋଗ ହୋଇଥିଲା। ସେହିପରି ମୁଖ୍ୟ ଶାସନ ସଚିବ ମଧ୍ୟ ଅଭିଯୋଗ ଦିଗରେ କେନ୍ଦୁଝର ଜିଲାପାଳଙ୍କୁ ରିପୋର୍ଟ ମାଗିଛନ୍ତି। ସୂଚନାଯୋଗ୍ୟ, ଚଳିତ ମାସ ୨୧ ତାରିଖରେ 'କ୍ୟାଶ୍‌ବୁକ୍ ନାହିଁ କି ଫାଇଲ ନାହିଁ, ଲକ୍ଷାଧିକ ଟଙ୍କାର ହିସାବ ମିଳୁନି' ଶୀର୍ଷକ ଖବର 'ଧରିତ୍ରୀ' ରେ ପ୍ରକାଶ ପାଇଥିଲା ।

## ତଣ୍ଡ ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ



ପାଟଣା,୨୩।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ତଣ୍ଡ ଗ୍ରାମରେ ମଙ୍ଗଳବାରଠାରୁ ୨୪ପ୍ରହର ନାମ ଯଜ୍ଞ ଆରମ୍ଭ ହୋଇଛି। କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ପ୍ରତିଷ୍ଠିତ ସଙ୍କୀର୍ତ୍ତନ ଦଳ ଯୋଗଦେଇ ନାମ ସଙ୍କୀର୍ତ୍ତନ କରୁଛନ୍ତି। ପୂଜକଭାବେ ପଣ୍ଡିତ ତରୁଣ ତ୍ରିପାଠୀ ଦେବନୀତି ସମ୍ପାଦନ କରୁଥିବା ବେଳେ ସଂକଳ୍ପରେ ରଣଜିତ ପଲେଇ, ଝାଡ଼େଶ୍ୱର ନାଏକ, ଆର୍ତ୍ତତ୍ରାଣ ନାଏକ ଓ ପ୍ରମୋଦ ପଲେଇ ନୀତିକାନ୍ତିରେ ପୂଜାର୍ଚ୍ଚନା କରୁଛନ୍ତି। କମିଟିର ମୁଖ୍ୟ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କ ବ୍ଲକ୍ ପ୍ରତିନିଧି ପ୍ରହ୍ଲାଦ ପଲେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବ କୁମାର ପଲେଇ, ବିରଞ୍ଚି ପଲେଇ, ନରେନ୍ଦ୍ର ନାଏକ, ସଞ୍ଜୟ ପଲେଇ, କେଦାର ନାଥ ପଲେଇ, ଅରୁଣ ବାରିକ, ବିଶ୍ୱନାଥ ପଲେଇ ପ୍ରମୁଖ ସହଯୋଗ କରୁଛନ୍ତି।

## ଆନ୍ତଃବିଦ୍ୟାଳୟ ସ୍କୁଲ କ୍ରୀଡ଼ାରେ କେନ୍ଦୁଝରର କୃତିତ୍ୱ

କେନ୍ଦୁଝର,୨୩।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ୫ରେ ଅନୁଷ୍ଠିତ ହୋଇଥିବା ଆନ୍ତଃ ବିଦ୍ୟାଳୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, କେନ୍ଦୁଝରର ଛାତ୍ରୀଛାତ୍ରଙ୍କୁ ସଫଳତା ମିଳିଛି। ଖେଳ ଚଳିତ ମାସ ୨୦ ରୁ ୨୩ ତାରିଖ ପର୍ଯ୍ୟନ୍ତ ଚାଲିଥିବା ବେଳେ ପ୍ରତିଯୋଗିତାରେ ଓମ୍‌କାର ସୋରେନ ୧୯ ବର୍ଷରୁ କମ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରିତିଭାନ ଦାସ ୧୪ ବର୍ଷ କମ ବାଳକ ବର୍ଗରେ ରୌପ ପଦକ ହାସଲ କରିଛନ୍ତି। ସେହିପରି ୧୪ ବର୍ଷ କମ ବାଳିକା ବର୍ଗରେ ଆଦ୍ୟାଶା ବଳ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କେନ୍ଦୁଝର ଟାଏକୋଣ୍ଡୋ ଆସୋସିଏଶନର କୋଚ୍ ମଧୁସୂଦନ ରାଉତଙ୍କଠାରୁ ସେମାନେ ପ୍ରଶିକ୍ଷଣ ନେଉଥିଲେ ବୋଲି ଅଭିଭାବକ ରମଣୀ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ପିଲାମାନେ ଭଲ ପ୍ରଦର୍ଶନ କରିଥିବାରୁ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ସହପାଠୀ ତଥା ଅଭିଭାବକମାନେ ଶୁଭେଚ୍ଛା ଜଣାଇଛନ୍ତି।



୧୪ ବର୍ଷ କମ୍ ବାଳକ ବର୍ଗରେ ଦ୍ୱିତୀୟ ସ୍ଥାନରେ କେନ୍ଦୁଝରର ରିତିଭାନ ଦାସ।

## ବିପୁଳ ପରିମାଣରେ ବିଦେଶୀ ମଦ ଜବତ

ଚମ୍ପୁଆ,୨୩।୪(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁଙ୍କ ନିର୍ଦ୍ଦେଶ କ୍ରମେ ତଥା ଆଇଆଇସି ସ୍ୱରୁପ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଗୁରୁବାର ଚମ୍ପୁଆ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ବିଦେଶୀ ମଦ ଜବତ କରାଯାଇଛି। ଏଥିସହ ଚୋରା ମଦ ଚାଲାଣରେ ବ୍ୟବହୃତ ଗୋଟିଏ ବୋଲେରୋ ଓ ଗୋଟିଏ ବାଇକ୍‌କୁ ଜବତ କରାଯାଇଛି। ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ନାଏକ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଚମ୍ପୁଆ ପୋଲିସ ପକ୍ଷରୁ ଚମ୍ପୁଆ ବ୍ଲକ୍ ଓ ଚମ୍ପୁଆ ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଚମ୍ପୁଆ ବ୍ଲକ୍ ନିକଟରୁ ବୋଲେରୋ (ନଂ. ଓଡି ୦୯ କେ ୩୨୫୫)ରେ ବୋଝେଇ ହୋଇଥିବା ୬୦ ଲିଟର ୬୦୦ ମିଲି ଲିଟର ବିଦେଶୀ ମଦ




ପୋଲିସ ଦ୍ୱାରା ଜବତ ବିଦେଶୀ ମଦ ଓ ଗିରଫ ଅଭିଯୁକ୍ତ।

ଜବତ କରାଯିବା ସହ ବୋଲେରୋ ଜବତ କରାଯାଇଥିଲା। ସେହିପରି ଉପାନ୍ତ ଅଞ୍ଚଳରେ ଏକ ବାଇକ୍ (ନଂ. ଜେଏଚ୍ ୦୬ କ୍ୟୁ ୪୮୫୮)ରେ ୧୨ ଲିଟର ବିଦେଶୀ ମଦ ଯାଉଥିବା ବେଳେ ପୋଲିସ ଦ୍ୱାରା ଜବତ ହୋଇଥିଲା। ଏଥି ସହିତ ମୁକେଶ ବେହେରା ଓ ଅଶୋକ କୁମାର ବେହେରାଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ପୋଲିସ ପୃଥକ ମାମଲା(ନଂ. ୧୫୦/୨୬ ଓ ୧୫୧/୨୬) ରୁଜୁ କରିଛି। ଚଢ଼ାଉରେ ସବ୍‌ଇନ୍ସପେକ୍ଟର ନିରଞ୍ଜନ ବେହେରା, ହାବିଲଦାର ଲକ୍ଷ୍ମୀଧର ସେଠୀ, ଥାନା କର୍ମଚାରୀ ସାମିଲ ଥିଲେ।

## ଦିନକରେ ୩ ଘରୁ ଚୋରି

ପାଟଣା,୨୩।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଓ ପାଟଣା ଥାନା ଅଞ୍ଚଳରେ ଗୁରୁବାର ୩ ଚୋରି ହୋଇଛି। ଘରେ କେହି ନ ଥିବା ବେଳେ ଦୁର୍ବୃତ୍ତ ପଶି ସୁନରା ଅଳଙ୍କାର ଓ ନଗଦ ଟଙ୍କା ନେଇଯାଇଥିବା ଦେଖାଯାଇଛି। ଏ ନେଇ ତୁରୁମୁଙ୍ଗା ଓ ପାଟଣା ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ତୁରୁମୁଙ୍ଗା ଥାନା ଭୁଲୁଦା ଗ୍ରାମ ବାଘମରା ଗ୍ରାମର ଶିକ୍ଷକ ପିତାମ୍ବର ମହାନ୍ତଙ୍କ ପରିବାର ଗୁରୁତର କୌଣସି କାମରେ ବାହାରକୁ ଯାଇଥିଲେ। ଘରେ ନ ଥିବା ବେଳେ ଲୁଟେରା ଘରେ ପଶି ଆଲମୀରା ଭାଙ୍ଗି ଆଲମୀରାରୁ ସୁନା କାନ ଫୁଲ ୨ ହଳ, ମଙ୍ଗଳ ସୂତ୍ର ୧, ପାଉଁଚି, ନଗଦ ୬ ହଜାର ନେଇଯାଇଛନ୍ତି। ପିତାମ୍ବର ଘରକୁ ଫେରିବା ସମୟରେ ଲୁଟେରାଙ୍କ ସହ ମୁହାଁମୁହିଁ ହୋଇଥିଲେ। ଫଳରେ ଧସ୍ତାଧସ୍ତି ହୋଇଥିଲା। ଲୁଟେରାମାନେ ବନ୍ଧୁକ ଦେଖାଇ ପଲସରରେ ଚମ୍ପଟ ମାରିଥିଲେ। ସେହିଭଳି ତୁରୁମୁଙ୍ଗା ଥାନା ଚିଲଦା ଗ୍ରାମର ଯଦୁମଣି ମହାନ୍ତଙ୍କ କବାଟ ଭାଙ୍ଗି ଘରୁ ଦୁର୍ବୃତ୍ତ ସୁନା ହାର ୧, ଚେନ ୧, ମୁଦି ୧, କାନ ଫୁଲ ହଳେ, ନେକ ଲେସ ୧, ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି। ୨ ଘଟଣାରେ ତୁରୁମୁଙ୍ଗା ଥାନାରେ ଅଭିଯୋଗ ପରେ ପୋଲିସ ଛାନ୍‌ଭିନ୍ ଜାରି ରଖିଥିବା ଏସ୍‌ଆଇ ସୁରେଶ ସାହୁ କହିଛନ୍ତି। ସେହିଭଳି ପାଟଣା ଥାନା ଉପାନ୍ତ ଅଞ୍ଚଳ ମାଛଗଡ଼ ପଞ୍ଚାୟତ ବାଲିପୋଷି ଗ୍ରାମ ଅନିଲ ମହାନ୍ତଙ୍କ ଘରେ ଜଣେ ମହିଳା ପଶି ସୁନା କାନରିଙ୍ଗ ହଳେ, ମଙ୍ଗଳ ସୂତ୍ର ପାଉଁଜି ଓ ମୋବାଇଲ ଚୋରି କରି ନେଉଥିଲେ। ଗାଁ ପିଲା ଦେଖି ଅଟକାଇଥିବା ବେଳେ ଅନିଲଙ୍କ ପରିବାର ପହଞ୍ଚି ମହିଳାଙ୍କୁ କାବୁ କରି ସାହାରପଡ଼ା ଫାଣ୍ଡି ପୋଲିସକୁ ହସ୍ତାନ୍ତର କରିଥିଲେ।

## କାର୍ଯ୍ୟ ଜାରି ରଖିବାକୁ ଆବେଦନକଲେ ବିଚାର କରିବାକୁ ନିର୍ଦ୍ଦେଶ

### ଜିଲାପାଳଙ୍କୁ ହାଇକୋର୍ଟଙ୍କ ନୋଟିସ

କେନ୍ଦୁଝର/ହାଟଡ଼ିହୀ,୨୩।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

କେନ୍ଦୁଝର ଡିଏମ୍‌ଏଫ୍ କାର୍ଯ୍ୟାଳୟର ଜଣେ କର୍ମଚାରୀ ବର୍ଦ୍ଧିତ ଦରମା ମାଗିବାରୁ ତାଙ୍କୁ ଚାକିରିରୁ ମୌଖିକ ଭାବେ ବିଦା କରିଦିଆଯାଇଥିଲା। ଘଟଣାରେ ତୃତୀୟ ଥର ପାଇଁ ଦାୟର ମାମଲାର ଶୁଣାଣିକରି ଏପ୍ରିଲ ୨୨ ବୁଧବାର ହାଇକୋର୍ଟ କେନ୍ଦୁଝର ଜିଲାପାଳଙ୍କୁ ନୋଟିସ ଜାରି କରିଛନ୍ତି। ଏଥିରେ କର୍ମଚାରୀ ଜଣକ ନିଜର ଚାକିରି କାର୍ଯ୍ୟ ଜାରି ରଖିବା ପାଇଁ ଲିଖିତ ଆବେଦନ କଲେ ଜିଲାପାଳ ତାହା ଆଇନ ଅନୁଯାୟୀ ବିଚାର କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ବର୍ଦ୍ଧିତ ଦରମା ମାଗିବାରୁ ଡିଏମ୍‌ଏଫ୍‌ରେ କାର୍ଯ୍ୟରତ କର୍ମଚାରୀ ରଞ୍ଜିତ ସାହୁଙ୍କୁ ବେନିୟମ ଏବଂ ମୌଖିକ ଭାବେ ଚାକିରିରୁ ବିଦାକରି ଦିଆଯାଇଥିଲା। ଏ ନେଇ ହାଇକୋର୍ଟରେ ଏକ ମାମଲା (ଡବ୍ଲ୍ୟୁପିସି ନଂ. ୩୫୧୭୭/୨୦୨୫) ଦାୟର ହୋଇଥିଲା। ୪ ସପ୍ତାହ ମଧ୍ୟରେ ଅଭିଯୋଗର ବିଚାର କରିବାକୁ ହାଇକୋର୍ଟ ୧୦ ଡିସେମ୍ବର ୨୦୨୫ ରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଧାର୍ଯ୍ୟ ସମୟରେ ପାଳନ ନ କରିବା ଫଳରେ କେନ୍ଦୁଝର ଜିଲାପାଳ ତଥା ଡିଏମ୍‌ଏଫ୍ ଅଧ୍ୟକ୍ଷ ବିଶାଲ ସିଂଙ୍କ ନାମରେ ଦ୍ୱିତୀୟ ଥର ପାଇଁ ୨୬ ମାର୍ଚ୍ଚ ୨୦୨୬ରେ ଏକ ଅଦାଲତ ଅବମାନନା ମାମଲା ଦାୟର ହୋଇଥିଲା। ପରେ ଜିଲାପାଳ ଅର୍ଡର ପ୍ରକାଶ କରିଥିଲେ। ଏଥିରେ ଅର୍ଡର ନଂ. ୬୧୧/୯ ମାର୍ଚ୍ଚ ୨୦୨୬ ବୋଲି ଉଲ୍ଲେଖ ଥିବା ବେଳେ ୨୧ ଦିନ ପରେ ଅର୍ଥାତ୍ ଏପ୍ରିଲ ୨ରେ ମେଲ୍ ଜରିଆରେ ଅଭିଯୋଗକାରୀ ରଞ୍ଜିତଙ୍କୁ ପ୍ରେରଣ କରିଥିଲେ। ଅର୍ଡରରେ ଅଭିଯୋଗକାରୀଙ୍କୁ ଚାକିରିରୁ ବିଦା କରାଯାଇଥିବା ନେଇ ଆଦୌ ଉଲ୍ଲେଖ ନ ଥିଲା। ଫଳରେ କର୍ମଚାରୀ ଜଣକ ଏପ୍ରିଲ ୪ରେ କାର୍ଯ୍ୟରେ ଯୋଗଦାନ କରିବାକୁ ଯାଇଥିବା ବେଳେ ଡିଏମ୍‌ଏଫ୍ ସିଇଓ ବାରଣକରି କାର୍ଯ୍ୟରେ ଯୋଗଦାନ କରାଇ ଦେଇ ନ ଥିଲେ। ଏହାକୁ ନେଇ କର୍ମଚାରୀ ଜଣକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। କୌଣସି କାର୍ଯ୍ୟକାରୀ ନ ହେବାରୁ ତୃତୀୟ ଥର ପାଇଁ ଦାୟର ମାମଲାର ଶୁଣାଣିକରି ହାଇକୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ପ୍ରକାଶ ଥାଉକି ସିଇଓ ଭାବେ ଡ. ରୀନା ପ୍ରଧାନ (ଆଇଏଏସ୍ )ଗତ ଜୁଲାଇ ୨୦୨୫ରୁ ଏଠାରେ ଦାୟିତ୍ୱ ନିର୍ବାହ କରୁଛନ୍ତି ।

## ଔଷଧୀୟ ପାର୍କ ନଷ୍ଟ, ଚେୟାର ଭାଙ୍ଗିଗଲାଣି

### ଅବହେଳିତ ସିଦ୍ଧମଠ

କେନ୍ଦୁଝର,୨୩।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଦେବୋତ୍ତର ବିଭାଗ ଅଧୀନରେ ଥିବା ସିଦ୍ଧମଠ ଅବହେଳିତ ଅବସ୍ଥାରେ ରହିଛି। ମଠକୁ ଭଲ ରାସ୍ତା ନ ଥିବା ବେଳେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ପରିସର ମଧ୍ୟ ସଫା ହେଉନାହିଁ। ପଡ଼ିଥିବା ଚେୟାର, ବେଞ୍ଚ ଭାଙ୍ଗିଗଲାଣି। ରକ୍ଷଣାବେକ୍ଷଣ ଅଭାବରୁ ଔଷଧୀୟ ପାର୍କ ନଷ୍ଟ ହୋଇଯାଇଥିବା ବେଳେ ଅନେକ ମୂଲ୍ୟବାନ ଗଛ ଚୋରି ହୋଇଯାଇଥିବା ଅଭିଯୋଗ ହେଉଛି। ଫଳରେ ଲୋକେ ଏଠାକୁ ଆସିବାକୁ ଇଚ୍ଛା ପ୍ରକାଶ କରୁ ନ ଥିବା ଦେଖାଯାଇଛି।

ପ୍ରକାଶ ଯେ, ସିଦ୍ଧମଠରେ ବହୁ ପୁରାତନ ସିଦ୍ଧ ଜଗନ୍ନାଥ, କାଳୀ ମା'ଙ୍କ ମନ୍ଦିର ସମେତ ସିଦ୍ଧ ହନୁମାନଙ୍କ ମନ୍ଦିର ଏବଂ ସାଇବାବା, ଧବଳେଶ୍ୱର ମନ୍ଦିର



ସିମେଣ୍ଟ ଚେୟାର ଭାଙ୍ଗିକି ପଡ଼ିଛି।

ସମେତ ଅନେକ ମଠ, ମନ୍ଦିର ରହିଛି। ଏନ୍‌ଏଚ୍ ୨୦ (ବାଇପାସ) କଡ଼ରେ ଥିବା ଏହି ସିଦ୍ଧମଠ ପରିସର ଧିରେ ଧିରେ ଜବରଦଖଲ ହୋଇଗଲାଣି। ଧବଳେଶ୍ୱର ମନ୍ଦିର ନିକଟରେ ପର୍ଯ୍ୟଟକଙ୍କ ବିଶ୍ରାମ ନେବାକୁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ମୁକ୍ତା ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ପାର୍କ ନିର୍ମାଣ କରାଯାଇଥିଲା। ନିମ୍ନମାନର କାମ ଓ ରକ୍ଷଣାବେକ୍ଷଣ ଅଭାବରୁ ତାହା ପରିତ୍ୟକ୍ତ ଅବସ୍ଥାରେ ରହିଛି। କଂକ୍ରିଟ୍ ଚେୟାର ଭାଙ୍ଗି ଗଲାଣି। ସଫେଇ ହେଉ ନ ଥିବାରୁ ମଇଳା ଆବର୍ଜନା ପଡ଼ିରହୁଛି। ଫଳରେ ସେଠାରେ କେହି ବସିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି ବୋଲି ବରିଷ୍ଠ ଆଇନଜୀବୀ ଅଶୋକ ଦାସ କହିଛନ୍ତି। ବନ ବିଭାଗ ପକ୍ଷରୁ କମ୍ପାନୀ ଅନୁଦାନରେ ନିର୍ମିତ ଔଷଧୀୟ ବାଗାନ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି। ଏହାର ଚାରିପାଖରେ ଥିବା ତାର ବାଡ଼ ଅନେକ ସ୍ଥାନରେ ଭାଙ୍ଗିଗଲାଣି। ଚନ୍ଦନ ଗଛ ଚୋରି ହୋଇ ନିଶ୍ଚିହ୍ନ ହୋଇଯାଇଥିବା ବେଳେ ଅନ୍ୟାନ୍ୟ ଗଛ ମଧ୍ୟ ଲୋପ ପାଇବାକୁ ବସିଲାଣି ବୋଲି ବରିଷ୍ଠ ନାଗରିକ ନବ କିଶୋର ସାହୁ କହିଛନ୍ତି। ଏଥିସହ କେନ୍ଦୁଝର ପୁରୁଣା ସହର ସିଦ୍ଧମଠରୁ ଶ୍ରୀବଳଦେବ ଜୀଉ ମନ୍ଦିରକୁ ସଂଯୋଗ ରାସ୍ତା ଅନେକ ସ୍ଥାନରେ ନଷ୍ଟ ହୋଇଯାଇଛି। ବିଶେଷ କରି ଗୁଣ୍ଡିଚା ମନ୍ଦିରରୁ ସିଦ୍ଧମଠ ଓ ସେଠାରୁ ଧବଳେଶ୍ୱର ମନ୍ଦିରକୁ ରାସ୍ତାର ମରାମତି ନେଇ ଦାବି ହୋଇ ଆସୁଥିଲେ ହେଁ ମରାମତି ହେଉନାହିଁ। ଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକ, ଭକ୍ତ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଥିପ୍ରତି ପଦକ୍ଷେପ ନେଇ ଏହାର ସୁରକ୍ଷା ଓ ଅଞ୍ଚଳର ବିକାଶ ପାଇଁ ସ୍ଥାନୀୟ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

